# NATIONAL NEWS BULLETIN (ODIA)
## 20 November - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ତେଲଙ୍ଗାନାକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ମତଦାନ ଶେଷ ।
- ଚୀନ୍ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଲାଓସ୍‌ଠାରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆଲୋଚନା ।
- ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ୟୁକ୍ରେନର କିଭ୍‌ସ୍ଥିତ ଦୂତାବାସ ବନ୍ଦ କରିବାକୁ ଆମେରିକାର ନିଷ୍ପତ୍ତି ।

ଏବଂ

- ମହିଳା ଏସିଆନ୍ ହକି ଚାମ୍ପିଅନସିପ୍-୨୦୨୪ ଟାଇଟଲ ହାସଲ କଲା ଭାରତ

## ପ୍ରେସିଡେଣ୍ଟ-ତେଲଙ୍ଗାନା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ତେଲଙ୍ଗାନାକୁ ଦୁଇଦିନିଆ ଗସ୍ତରେ ଯିବେ। ହାଇଦ୍ରାବାଦ୍‌ଠାରେ ଆୟୋଜିତ 'କୋଟିଦୀପୋତ୍ସବମ୍-୨୦୨୪' କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବେ। ସେହିପରି ଶୁକ୍ରବାର ଦିନ ହାଇଦ୍ରାବାଦ୍‌ଠାରେ ଆୟୋଜିତ ହେବାକୁ ଥିବା ଲୋକ ମନ୍ଥନ-୨୦୨୪ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହକୁ ରାଷ୍ଟ୍ରପତି ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି।

## ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରର ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଆଜି ମତଦାନ ଶେଷ ହୋଇଛି। ଏଥିସହ ମହାରାଷ୍ଟ୍ରର ନାନ୍ଦେଡ଼ ଲୋକସଭା ଆସନ ଏବଂ ଚାରୋଟି ରାଜ୍ୟର ୧୫ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଛି।

ଝାଡ଼ଖଣ୍ଡରେ ୧୨ଟି ଜିଲ୍ଲାର ୩୮ଟି ବିଧାନସଭା ଆସନ ପାଇଁ ମୋଟ୍ ୫୨୮ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଅପରାହ୍ନ ୩ଟା ସୁଦ୍ଧା ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ଝାଡ଼ଖଣ୍ଡରେ ୬୧ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ସେହିଭଳି ମହାରାଷ୍ଟ୍ରର ୨୮୮ଟି ବିଧାନସଭା ନିର୍ବାଚନ ଲାଗି ମୋଟ୍ ୪ ହଜାର ୧୩୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ। ଅପରାହ୍ନ ୫ଟା ସୁଦ୍ଧା

ମିଳିଥିବା ସୂଚନା ଅନୁଯାୟୀ, ୫୮ ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ।  ନାନ୍ଦେଡ଼ ଲୋକସଭା ଉପ ନିର୍ବାଚନରେ ୫୩ ଦଶମିକ ୭/୮ ପ୍ରତିଶତ ମତଦାତା ମତ ଦେଇଥିଲେ। ଆସନ୍ତା ୨୩ ତାରିଖରେ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ।

## ୟୁପି-ଇସିଆଇ ସସ୍‌ପେନସନ୍

ଉତ୍ତରପ୍ରଦେଶ' କାନପୁର ସହରର ସିସାମାଉ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ଅନୁଷ୍ଠିତ ଉପନିର୍ବାଚନରେ  ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ନେଇ କେତେକ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଭୋଟରଙ୍କୁ ମତାଧିକାର ସାବ୍ୟସ୍ତ କରିବାରୁ ରୋକିବା ଏବଂ ଯାଞ୍ଚ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ନେଇ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ଉପନିର୍ବାଚନ ଅନୁଷ୍ଠିତ ହେଉଥିବା ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ନିରପେକ୍ଷ ଏବଂ ସ୍ୱଚ୍ଛ ମତଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ନିର୍ବାଚନ କମିଶନର  ରାଜୀବ କୁମାର ନିର୍ଦ୍ଦେଶ ଦେଇଥିଲେ।

## ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୪ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ସରକାରଙ୍କ ପକ୍ଷରୁ ଆହୂତ ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିବେ। ଆଗାମୀ ଶୀତକାଳୀନ ଅଧିବେଶନକୁ ସୁରୁଖୁରରେ ସମ୍ପାଦନା କରିବା ପାଇଁ ସରକାର ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନ ଲୋଡ଼ିବା ଲକ୍ଷ୍ୟରେ ଏହି ବୈଠକ ଡକାଯାଇଛି। ସୂଚନାଯୋଗ୍ୟ, ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନ ପାଇଁ ସଂସଦ ଅଧିବେଶନ ଅନୁଷ୍ଠିତ ହେବ ନାହିଁ ବୋଲି ଜଣାପଡ଼ିଛି।

## ରାଜନାଥ-ଲାଓସ୍ ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ଲାଓସଠାରେ ଚୀନ୍ ପ୍ରତିପକ୍ଷ ଡୋଙ୍ଗ ଜୁନ୍‌ଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ଆସିଆନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ ADMM+ ରେ ଯୋଗଦେବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ତିନିଦିନିଆ ଲାଓସ ଗସ୍ତରେ ଯାଇଛନ୍ତି। ଏହି ବୈଠକରେ ଶ୍ରୀ ସିଂ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସୁରକ୍ଷା ପ୍ରସଙ୍ଗରେ ଉଦ୍‌ବୋଧନ ଦେବେ । ସମସ୍ତ ଏସୀୟ ରାଷ୍ଟ୍ରଗୁଡ଼ିକୁ ନେଇ ଏସିଆନ୍ ପ୍ରତିରକ୍ଷାମନ୍ତ୍ରୀଙ୍କ ଏହି ବୈଠକ ଆୟୋଜନ କରାଯାଇଛି । ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ

ବ୍ରୁନେଇ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ଲାଓସ୍, ମାଲେସିଆ, ମ୍ୟାଁମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲ୍ୟାଣ୍ଡ, ଭିଏତନାମ ଏବଂ ଭାରତ ସହିତ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ରୁଷ, ଜାପାନ ଓ ଦକ୍ଷିଣ କୋରିଆ ଆଦି ୮ଟି ଭାଗିଦାରୀ ରାଷ୍ଟ୍ର ରହିଛନ୍ତି । ଏସୀୟ ରାଷ୍ଟ୍ର ଏବଂ ଭାଗିଦାରୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ନିମନ୍ତେ ବାର୍ଷିକ ADMM+ ବୈଠକର ଆୟୋଜନ କରାଯାଇଥାଏ । ଶ୍ରୀ ସିଂ’ ଅଷ୍ଟ୍ରେଲିଆ, ଜାପାନ, ଲାଓସ, ମ୍ୟାଲେସିଆ, ନିଉଜିଲ୍ୟାଣ୍ଡ, ଫିଲିପାଇନ୍ସ ଆଦି ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୈଠକରେ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ବୈଠକ ଅନୁଷ୍ଠିତ ହେଉଛି ।

## ୟୁକ୍ରେନ-ରୁଷିଆ-ୟୁଏସ୍

ୟୁକ୍ରେନ୍ କିଭ୍‌ସ୍ଥିତ ଦୂତାବାସକୁ ବନ୍ଦ କରିବା ପାଇଁ ଆମେରିକା ନିଷ୍ପତ୍ତି ନେଇଛନ୍ତି । ସମ୍ଭାବ୍ୟ ବିମାନ ଆକ୍ରମଣକୁ ଦୃଷ୍ଟିରେ ରଖି ଆମେରିକା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସେହିଭଳି ଗ୍ରୀକ୍ ଏବଂ ସ୍ପେନ୍ ପକ୍ଷରୁ ମଧ୍ୟ କିଭ୍‌ସ୍ଥିତ ଦୂତାବାସକୁ ବନ୍ଦ କରି ଦିଆଯାଇଛି । ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତକାଲି ନୂତନ ପରମାଣୁ ନୀତିକୁ ଅନୁମୋଦନ କରିଛନ୍ତି ।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅନୁମୋଦନକ୍ରମେ ୟୁକ୍ରେନ୍ ପକ୍ଷରୁ ରୁଷ୍‌ରେ ଆମେରିକା ନିର୍ମିତ ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲେ। ଏପରିକି ଆମେରିକା ପ୍ରଥମଥର ପାଇଁ ୟୁକ୍ରେନ୍‌କୁ ଲ୍ୟାଣ୍ଡମାଇନ୍ ପଠାଇବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହାର ପ୍ରଭାବ ସୁଦୂର ପ୍ରସାରୀ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଆମେରିକାର ଏଭଳି ପଦକ୍ଷେପକୁ ଦୃଷ୍ଟିରେ ରଖି ରୁଷ୍ ତାର ପରିବର୍ତ୍ତିତ ପରମାଣୁ ନୀତି ଲାଗୁ କରିଛି। ଇତିମଧ୍ୟରେ ୟୁକ୍ରେନ୍ ରୁଷିଆର ସାମରିକ ଅସ୍ତ୍ରଶସ୍ତ୍ରସ୍ଥଳୀକୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ପ୍ରଥମଥର ପାଇଁ ୟୁକ୍ରେନ୍ ପକ୍ଷରୁ ଏଭଳି ସୀମାପାର ଆକ୍ରମଣ ହୋଇଥିବା ଜଣାପଡ଼ିଛି।

## ପାକିସ୍ତାନ-ସୁଇସାଇଡ୍ ଆଟାକ

ପାକିସ୍ତାନର ଖାଇବର୍‌ପଖ୍‌ତୁଆଁ ଅଞ୍ଚଳରେ ଏକ ଆତ୍ମଘାତୀ ବୋମା ବିସ୍ଫୋରଣରେ ସେନାର ୧୨ ଜଣ ଯବାନଙ୍କର ମୃତ୍ୟୁ ହୋଇଛି। ବାନୁ ଜିଲ୍ଲାର ମାଲିଖେଲ ସୁରକ୍ଷା ଚେକ୍‌ପୋଷ୍ଟ ନିକଟରେ ଏହି ଆତ୍ମଘାତୀ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୧୦ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପାକିସ୍ତାନ ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ରାତିରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରକ ବୋଝେଇ ଏକ ଗାଡ଼ିକୁ ଆକ୍ରମଣକାରୀମାନେ ଚେକ୍‌ପୋଷ୍ଟରେ ଧକ୍କା କରେଇବାରୁ ଏଭଳି କ୍ଷୟକ୍ଷତି ହୋଇଛି। ଗୁଳି ବିନିମୟରେ ୬ ଜଣ ଆକ୍ରମଣକାରୀଙ୍କର ମୃତ୍ୟୁ ହୋଇଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି।

# ସେନାମୁଖ୍ୟ ଜେନେରାଲ-ନେପାଳ ଭିଜିଟ୍

ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜିଠାରୁ ଚାରି ଦିନିଆ ନେପାଳ ଗସ୍ତରେ ଯାଇଛନ୍ତି। ଦୁଇଦେଶର ସେନା ମଧ୍ୟରେ ସାମରିକ ସହଯୋଗକୁ ସୁଦୃଢ଼ କରିବା ସହିତ ନୂତନ ମାର୍ଗ ଉନ୍ମୋଚନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଜେନେରାଲ ଦ୍ୱିବେଦୀ ତାଙ୍କ ନେପାଳ ପ୍ରତିପକ୍ଷ ଜେନେରାଲ ଅଶୋକରାଜ ସିଗ୍‌ଡେଲଙ୍କ ସହ ଆଜି ଅନୌପଚାରିକ ଆଲୋଚନା କରିଛନ୍ତି। ନେପାଳ ସେନା ମୁଖ୍ୟାଳୟରେ ଜେନେରାଲ ଦ୍ୱିବେଦୀଙ୍କୁ ଆସନ୍ତାକାଲି ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବ। ରାଷ୍ଟ୍ରପତି ଭବନ ଶୀତଳ ନିବାସଠାରେ ଆୟୋଜିତ ଏକ ସମାବେଶରେ ଜେନେରାଲ ଦ୍ୱିବେଦୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ନେପାଳ ରାଷ୍ଟ୍ରପତିଙ୍କ ସହ ଜେନେରାଲ ଦ୍ୱିବେଦୀ ପ୍ରତିରକ୍ଷା, ଭାଗିଦାରିତା ନେଇ ଆଲୋଚନା କରିବେ। ଏହି ଗସ୍ତ ଅବସରରେ ଜେନେରାଲ ଦ୍ୱିବେଦୀ ନେପାଳ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏବଂ ପ୍ରତିରକ୍ଷା ମନ୍ତ୍ରୀ ମନବୀର ରାୟଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଆସନ୍ତା ୨୩ ତାରିଖରେ ଜେନେରାଲ ଦ୍ୱିବେଦୀ ପୋଖରାଠାରେ ଏକ ପୂର୍ବତନ ସୈନିକ ସମାବେଶରେ ଯୋଗଦେବେ।

## ବୀରଗାଥା- ଷ୍ଟୁଡେଣ୍ଟ୍ସ

ବୀରଗାଥା- **4.0** ଅଭିଯାନରେ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧ କୋଟି ୭୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ସଶସ୍ତ୍ର ବାହିନୀ ଯବାନଙ୍କ ସାହସିକତା ଏବଂ ବଳିଦାନକୁ ସମ୍ମାନ ଜଣାଇ ଛାତ୍ରଛାତ୍ରୀମାନେ କବିତା,ଚ ଚିତ୍ର, ପ୍ରବନ୍ଧ ଏବଂ ଭିଡିଓମାନ ପଠାଇଛନ୍ତି। ବୀର ପୁରସ୍କାର ବିଜେତାଙ୍କ ବୀରତ୍ୱ, ତ୍ୟାଗ ଏବଂ ସାହସର ପ୍ରେରଣାଦାୟୀ କାହାଣୀକୁ ପ୍ରସାରଣ କରିବା ଲକ୍ଷ୍ୟରେ ୨୦୨୧ ମସିହାରୁ ବୀର୍‌ଗାଥା ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୀର ପୁରସ୍କାରପ୍ରାପ୍ତ ଯବାନଙ୍କ ବଳିଦାନ ଉପରେ ଆଧାରିତ ସୃଜନଶୀଳ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ପାଇଁ ଏହି ଅଭିଯାନ ଛାତ୍ରଛାତ୍ରୀଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ କରିଥାଏ।

## କୋଲ୍‌-ଆମଦାନୀ

ଦେଶର ଅଣନିୟନ୍ତ୍ରିତ କ୍ଷେତ୍ର- ଏନ୍‌ଆରଏସ୍ ଏବଂ ଘରୋଇ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ପାଇଁ କୋଇଲା ଆମଦାନୀ ଚଳିତ ଆର୍ଥିକ ବର୍ଷରୁ ଗତ ସେପ୍ଟେମ୍ବର ମଧ୍ୟରେ ହ୍ରାସ ପାଇଛି। କୋଇଲା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଅଣନିୟନ୍ତ୍ରିତ କ୍ଷେତ୍ର ପାଇଁ ୯ ଦଶମିକ ୮/୩ ପ୍ରତିଶତ ଏବଂ ତାପଜ ଶକ୍ତି କେନ୍ଦ୍ର ପାଇଁ ୮ ଦଶମିକ ୫/୯ ପ୍ରତିଶତ କୋଇଲା ଆମଦାନୀ ହ୍ରାସ ପାଇଛି। ତେବେ ଇସ୍ପାତ ଶିଳ୍ପ ପାଇଁ

ଜାଳେଣୀ କୋଇଲା ଏବଂ କୋଇଲା ଭିତ୍ତିକ ପାୱାରପ୍ଲାଣ୍ଟ ପାଇଁ ଆମଦାନୀ ବୃଦ୍ଧି ପାଇଛି। ଏ କ୍ଷେତ୍ରରେ ଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହା ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ସମୟସୀମା ମଧ୍ୟରେ ମୋଟ୍ କୋଇଲା ଆମଦାନୀ ୧ ଦଶମିକ ୩/୬ ପ୍ରତିଶତ ବୃଦ୍ଧି ପାଇ ୧୨୯ ଦଶମିକ ୫/୨ ଟନ୍‌ରେ ପହଁଞ୍ଚିଛି। ତେବେ କୋଇଲା ଆମଦାନୀ କ୍ଷେତ୍ରରେ ନିର୍ଭରଶୀଳତା ହ୍ରାସ କରିବାକୁ ପଦକ୍ଷେପ ନିଆଯାଉଛି। ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ହାସଲ କରିବା ସହିତ ଶକ୍ତି ନିରାପତ୍ତା ଏବଂ ଖର୍ଚ୍ଚ ହ୍ରାସକୁ ସୁନିଶ୍ଚିତ କରିବା ଉପରେ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି।

## ୱିମେନ୍ସ ହକି

ଭାରତ ମହିଳା ଏସିଆନ୍ ହକି ଚମ୍ପିଆନସିପ୍ ଟ୍ରଫି-୨୦୨୪ ଟାଇଟଲ ହାସଲ କରିଛି। ବିହାରର ରାଜଗିରି ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ଚୀନ୍‌କୁ ଏକମାତ୍ର ଗୋଲ୍‌ରେ ପରାସ୍ତ କରିଛି। ଏଥିସହ ତୃତୀୟଥର ପାଇଁ ଭାରତ ଏହି ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଦଳ ଭାବେ ଭାରତ ଏହି ସଫଳତା ପାଇଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ସ୍କୋର କରିଥିଲେ।

## ବ୍ୟାଡମିଣ୍ଟନ

ଚୀନ୍‌ର ସେନ୍‌ଝେନ୍ ଠାରେ ଅନୁଷ୍ଠିତ ଚାଇନା ମାଷ୍ଟର୍ସ-୨୦୨୪ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ପି.ଭି. ସିନ୍ଧୁ ଏବଂ ମାଳବିକା ବାଂଶୋଦ ମହିଳା ଏକକ ବର୍ଗରେ ଓ ଲକ୍ଷ୍ୟ ସେନ୍ ପୁରୁଷ ଏକକ ବର୍ଗରେ ପ୍ରି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସିନ୍ଧୁ' ମାଲେସିଆର ବୁସାନାନଙ୍କୁ ୨୧-୧୭, ୨୧-୧୯ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିପରି ମାଳବିକା' ଡେନ୍‌ମାର୍କର ପ୍ରତିଯୋଗୀ ଲିନେ ହୋଜମାର୍କଙ୍କୁ ୨୦-୨୨, ୨୩-୨୧, ୨୧-୧୬ ସେଟ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ସେହିପରି ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍ ମାଲେସିଆର ଲି ଜି ଜିଆଙ୍କୁ ୨୧-୧୪, ୧୩-୨୧ ଏବଂ ୨୧-୧୩ ସେଟ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପହଁଞ୍ଚିଛନ୍ତି। ଅନ୍ୟପକ୍ଷରେ ପୁରୁଷ ମିଳିତ ବର୍ଗରେ ଚିରାଗ ସେଟ୍ଟୀ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଚୀନ୍‌ର ଯୋଡ଼ିକୁ ଆଜି ଭେଟିବେ। ମହିଳା ମିଳିତ ବର୍ଗରେ ତ୍ରିଶା ଯୋଗୀ ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ତାଇଓ୍ୱାନ୍‌ର ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା ହେବ।